# ବିଶେଷ ଘୋଷଣା

ଏତଦ୍ ଦ୍ୱାରା ଢେଙ୍କାନାଳ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ସଂପ୍ରତି କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଢେଙ୍କାନାଳ ସହରକୁ ଲକ୍ ଡାଉନ୍ ଘୋଷଣା କରାଯାଇଛି । ଏହି ପରିସ୍ଥିତିରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ପ୍ରତିଦିନ ସକାଳ ୬ ଟା ରୁ ୧୦ ଟା ପର୍ଯ୍ୟନ୍ତ ଖୋଲା ରହିବ । ସାମାଜିକ ଦୂରତା ରକ୍ଷା ନିମନ୍ତେ ଅଳସୁଆ ହାଟ ଏବଂ ବି.ବି. ହାଇ ସ୍କୁଲ ନିକଟରେ ପନିପରିବା ବିକ୍ରି କରାଯାଉଛି ।ଏଣୁ  କୌଣସି ଗୋଟିଏ ସ୍ଥାନରେ କିଣାକିଣି କରିବା ପାଇଁ ଗହଳି କରନ୍ତୁ ନାହିଁ, ସଫା ସୁତୁରା ପାଇଁ ବିଶେଷ ଧ୍ୟାନ ଦିଅନ୍ତୁ । ନିଜ ନିଜ ଭିତରେ ୨ ମିଟର ବ୍ୟବଧାନ ବଜାୟ ରଖନ୍ତୁ । ପୋଲିସ, ଡାକ୍ତର, ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପୂର୍ଣ ସହଯୋଗ କରନ୍ତୁ । କୌଣସି ପ୍ରକାର ଭୟଭୀତ ନ ହୋଇ ଆବଶ୍ୟକତା ଠାରୁ ଅଧିକ ସାମଗ୍ରୀ କିଣନ୍ତୁ ନାହିଁ । ଯଥା ସମ୍ଭବ କୌଣସି ଯାନବାହନ ବ୍ୟବହାର ନ କରି ଚାଲି ଚାଲି ଯାଆନ୍ତୁ । ନିହାତି ଆବଶ୍ୟକ ନ ଥିଲେ, କଦାପି ଘରୁ ନ ବାହାରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଉଛି । ଏଥିରେ ଖିଲାପ କଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ * ଢେଙ୍କାନାଳ *
ତା. ୨୫/୦୩/୨୦